# ମାଛଧରା ଏବଂ ମତ୍ସ୍ୟଭିତ୍ତିକ କାର୍ଯ୍ୟକଳାପ ସମୟରେ କରୋଣା ଭୁତାଣୁ ସଂକ୍ରମଣ ପ୍ରତିରୋଧକ ଉପଦେଶାବଳୀ



ମାଛ ଧରିବା ପୂର୍ବରୁ ଏବଂ ପରେ ଅତିକମରେ 20 ସେକେଣ୍ଡ ପାଇଁ ସାବୁନ ପାଣିରେ ହାତ ଧୁଅନ୍ତୁ କିମ୍ବା ଏକ ଆଲକୋହଲ ଭିତ୍ତିକ ସାନିଟାଇଜ଼ର ବ୍ୟବହାର କରନ୍ତୁ |



ଦୈନିକ ମାଛଧରା କାର୍ଯ୍ୟ ପାଇଁ ଡଙ୍ଗାରେ ଅଳ୍ପସଂଖ୍ୟକ ଏବଂ ଏକସମାନ ମାଛଧରାଳୀ ରଖନ୍ତୁ, ଅଜ୍ଞାତ ନାବିକ/ମାଛଧରାଳୀମାନଙ୍କୁ ମାଛଧରା ଡଙ୍ଗାରେ ବାରଣ କରନ୍ତୁ|



ଯେଉଁ ମତ୍ସ୍ୟଜୀବୀମାନଙ୍କର ଭ୍ରମଣ ଇତିହାସ ସହିତ କାଶ, ଜ୍ୱର ଏବଂ ଥଣ୍ଡା ହୋଇଥିବ, ସେମାନେ ମାଛଧରା କାର୍ଯ୍ୟକଳାପରୁ ଦୂରେଇ ରହିବା ଉଚିତ ।



କାଶ ଏବଂ ଛିଙ୍କ ଆପଣଙ୍କ କହୁଣୀ ଉପରେ କରନ୍ତୁ, ହାତରେ ନୁହେଁ ଏବଂ ତାପରେ ହାତକୁ ସାନିଟାଇଜ଼ରରେ/ ସାବୁନ ପାଣିରେ ଧୁଅନ୍ତୁ |



ଭଲଭାବରେ ହାତ ଧୋଇବା ବିନା ନିଜର ଆଖି, ନାକ ଏବଂ ପାଟିକୁ ଛୁଅନ୍ତୁ ନାହିଁ |




ମାଛ ବିକ୍ରୟ ସ୍ଥଳରେ କିମ୍ବା ମାଛ ବଜାରରେ ଭିଡ଼ରୁ ଦୂରେଇ ରୁହନ୍ତୁ ଏବଂ ସାମାଜିକ ଦୂରତା ବଜାୟ ରଖନ୍ତୁ |



ସମୁଦ୍ର ବେଳାଭୂମିରେ ଏବଂ ଖୋଲା ପଡିଆରେ ମାଛ କିମ୍ବା ବରଫ ସଂରକ୍ଷଣ କରନ୍ତୁ ନାହିଁ |



ମତ୍ସ୍ୟଭିତ୍ତିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ମାଛ ଉତ୍ତୋଳନ (ଲୋଡିଂ) ଓ ଅବତରଣ (ଅନଲୋଡିଂ), ବରଫୀକରଣ ଏବଂ ପ୍ୟାକିଂ ଇତ୍ୟାଦି କାର୍ଯ୍ୟ ସର୍ବନିମ୍ନ ସଂସ୍ପର୍ଶରେ କରନ୍ତୁ |



ମାଛ ରଖିବା ପାଇଁ କ୍ଲୋରିନ ପାଣି ଦ୍ୱାରା ସଫା କ୍ରେଟ୍ କିମ୍ବା ତାପ ପ୍ରତିରୋଧକ (ଇନସୁଲେଟେଡ୍) ବାକ୍ସ ଏବଂ ବାସନ ବ୍ୟବହାର କରନ୍ତୁ |



ମାଛ ସ୍ଥଳରେ ମାସ୍କ ବ୍ୟବହାର କରନ୍ତୁ ଏବଂ ପ୍ରତ୍ୟେକ ବିକ୍ରୟ ପୂର୍ବରୁ ଏବଂ ପରେ ହାତ ପରିଷ୍କାର କରନ୍ତୁ |



ପ୍ରତି ଥର କାମ ସାରିବା ପରେ ଡଙ୍ଗାର ପୃଷ୍ଠ ଏବଂ ସେଥିରେ ଥିବା ବାସନକୁ ସାବୁନ ଏବଂ ପାଣିରେ ଭଲଭାବରେ ପରିଷ୍କାର କରନ୍ତୁ |



ବ୍ୟକ୍ତିଗତ ଭାବରେ ସ୍ୱଚ୍ଛ ରୁହନ୍ତୁ ଏବଂ ସୁସ୍ଥ ଅଭ୍ୟାସ ବଜାୟ ରଖନ୍ତୁ |

ଭା.କୃ .ଅନୁ.ପ.-କେନ୍ଦ୍ରୀୟ ମତ୍ସ୍ୟ ପ୍ରାଦ୍ୟୋଗିକ ସଂସ୍ଥାନ
କୋଚିନ୍ – 682029, କେରଳ